

ପ୍ରାଥମିକଶିକ୍ଷା ପ୍ରସ୍ତୁତି କାର୍ଯ୍ୟକ୍ରମ - ୨୦୨୦ - ୨୦୨୧

ଉଜ୍ଜ୍ୱଳ-୧

ବିଦ୍ୟାର୍ଥୀମାନଙ୍କପାଇଁ ଅଭ୍ୟାସପୁସ୍ତିକା

# ଓଡ଼ିଆ-ତୃତୀୟ,ଚତୁର୍ଥ ଓ ପଞ୍ଚମ

ODISHA SCHOOL EDUCATION PROGRAMME AUTHORITY
SCHOOL & MASS EDUCATION DEPARTMENT



# ଓଡ଼ିଆ- ତୃତୀୟ, ଚତୁର୍ଥ ଓ ପଞ୍ଚମ

ଛାତ୍ର/ଛାତ୍ରୀ ନାମ ______

ଶ୍ରେଣୀ ______

# କୃତଜ୍ଞତା

## ସମୀକ୍ଷକ

ଡ. ଚକ୍ରଧର ବିଶ୍ୱାଳ
ଡ. ଦୁର୍ଯ୍ୟୋଧନ ଦାଶ
ବିଦ୍ୟୁଲତା ମିଶ୍ର

## ସମ୍ପାଦକ ମଣ୍ଡଳୀ

ତାରାଚାନ୍ଦ ସାହୁ

କାଳୁଚରଣ ଛୋଟରାୟ

ଜ୍ୟୋତିରାଣୀ ପଣ୍ଡା

## ପ୍ରଶାସନିକ ପରାମର୍ଶଦାତା

ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ
(ଭା.ପ୍ର.ସେ)
ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା

## ଶୈକ୍ଷିକ ପରାମର୍ଶଦାତା

ଶ୍ରୀ ସୂର୍ଯ୍ୟ ନାରାୟଣ ମିଶ୍ର,
(ଓ.ଶି.ସେ)
ଯୁଗ୍ମ ନିର୍ଦ୍ଦେଶକ, ଶିକ୍ଷାତତ୍ତ୍ୱ ଓ ଶିକ୍ଷକ ପ୍ରଶିକ୍ଷଣ

## ସହାୟତା

- ଶ୍ରୀମତୀ ମିତାଲୀ ପାତ୍ର
- ଶ୍ରୀମତୀ ଜୟା ବାନାର୍ଜୀ
- ଶ୍ରୀ ସୁମିତ କୁମାର ଦାଶ

## ବୈଷୟିକ ସହାୟତା

- ଭବାନୀ ପ୍ରଧାନ
- ପୁଷ୍ପାଞ୍ଜଳି ପୃଷ୍ଟି

# ସୂଚୀପତ୍ର


| କ୍ରମିକ ନଂ | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ରମିକ ସଂଖ୍ୟା | ଶ୍ରେଣୀ ପାଠ୍ୟ ପୁସ୍ତକ ସଂପର୍କ (ପାଠ / ପ୍ରସଙ୍ଗ) | ପୃଷ୍ଠା ସଂଖ୍ୟା |
|---|---|---|---|---|
| | **-: ଅବନା ଅକ୍ଷର : -** | | | |
| ୧ | ଶୁଣିଥିବା ବିଷୟକୁ (ଗପ, କବିତା ଆଦି) କହିବ, ନିଜ ମତାମତ ଦେବ, ପ୍ରଶ୍ନ ପଚାରିବ। | ୧ | | ୧ |
| ୨ | ଭାଷାରେ ଥିବା ଧ୍ୱନି ଓ ଶବ୍ଦ ସହିତ ଖେଳି ଆନନ୍ଦ ପାଇବ। ଯେପରି - ଚକ, ରଖ, ବଗ.... | ୨, ୩, ୪, ୫, ୬ | | ୨-୭ |
| ୩ | ପଢ଼ିଥିବା ଗପ, କବିତା ଆଦିରେ ଅକ୍ଷର ଚିହ୍ନିବ ଶବ୍ଦ / ବାକ୍ୟ ଆଦିକୁ ଦେଖିବ ଏବଂ ସେଗୁଡ଼ିକର ଧ୍ୱନିକୁ ଶୁଣି, ବୁଝି ଚିହ୍ନିବ। | ୭, ୮, ୯ | | ୮-୧୦ |
| ୪ | ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି, ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନକଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ। | ୧୦, ୧୧, ୧୨, ୧୩, ୧୪, ୧୫ | | ୧୧-୧୬ |
| ୫ | ଓଡ଼ିଆ ବର୍ଣ୍ଣମାଳାର ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନିବ। | ୧୬, ୧୭ | | ୧୭-୧୮ |
| | **-: ମାତ୍ରାଯୁକ୍ତ ଅକ୍ଷର : -** | | | |
| ୬ | ଶୁଣିଥିବା ବିଷୟକୁ (ଗପ, କବିତା ଆଦି) କହିବ, ନିଜ ମତାମତ ଦେବ, ପ୍ରଶ୍ନ ପଚାରିବ। | ୧୮ | | ୧୯ |
| ୭ | ଭାଷାରେ ଥିବା ଧ୍ୱନି ଓ ଶବ୍ଦ ସହିତ ଖେଳିବ, ଆନନ୍ଦ ପାଇବ, ଯେପରି - ଚକ, ରଖ, ବଗ.... | ୧୯, ୨୦ ୨୧, ୨୨ | | ୨୦-୨୩ |
| ୮ | ପଢ଼ିଥିବା ଗପ, କବିତା ଆଦିରେ ଅକ୍ଷର ଚିହ୍ନିବ। ଶବ୍ଦ / ବାକ୍ୟ ଆଦିକୁ ଦେଖିବ ଏବଂ ସେଗୁଡ଼ିକର ଧ୍ୱନିକୁ ଶୁଣି, ବୁଝି ଚିହ୍ନିବ। | ୨୩, ୨୪ | | ୨୪-୨୫ |

| କ୍ରମିକ ନଂ | ଶିକ୍ଷଣ ଫଳାଫଳ | କାର୍ଯ୍ୟପର୍ଦ୍ଧ କ୍ରମିକ ସଂଖ୍ୟା | ଶ୍ରେଣୀ ପାଠ୍ୟ ପୁସ୍ତକ ସଂପର୍କିତ (ପାଠ / ପ୍ରସଙ୍ଗ) | ପୃଷ୍ଠା ସଂଖ୍ୟା |
|---|---|---|---|---|
| ୯. | ଓଡ଼ିଆ ବର୍ଣ୍ଣମାଳାର ଅକ୍ଷର ଆକୃତି ଓ ଧ୍ୱନିକୁ ଚିହ୍ନିବ। | ୨୫ | | ୨୬ |
| ୧୦ | ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା /ତେରଛା ଲେଖା, ଅକ୍ଷର ଆକୃତି ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନକଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ। | ୨୬, ୨୭, ୨୮, ୨୯, ୩୦ | | ୨୭-୩୨ |
| ୧୧ | ଆକଳନ-୧ | ୩୧ | | ୩୩ |
| ୧୨ | **-: ଫଳାଯୁକ୍ତ ଅକ୍ଷର : -**<br>ଦେଖିଥିବା, ଶୁଣିଥିବା କଥା, ଗପ, କବିତା ଆଦି ବିଷୟରେ କଥାବାର୍ତ୍ତା କରିବ ଏବଂ ନିଜ ପ୍ରତିକ୍ରିୟା ପ୍ରକାଶ କରିବ। | ୩୨ | | ୩୪-୩୫ |
| ୧୩ | ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ନେବ। | ୩୩, ୩୪ | | ୩୬-୩୭ |
| ୧୪ | ପ୍ରିଣ୍ଟରେ (ଲେଖା ବା ଛପା) ଥିବା ଅକ୍ଷର, ଶବ୍ଦ ବା ବାକ୍ୟକୁ ଭାଗଭାଗ କରି ଚିହ୍ନିବ। | ୩୫ | | ୩୮ |
| ୧୫ | ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷର, ଆକୃତି ଓ ଧ୍ୱନିକୁ ଚିହ୍ନିବ। | ୩୬ | | ୩୯ |
| ୧୬ | ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ। | ୩୭, ୩୮, ୩୯ | | ୪୦-୪୨ |
| ୧୭ | **-: ଯୁକ୍ତାକ୍ଷର : -**<br>ଦେଖିଥିବା, ଶୁଣିଥିବା କଥା, ଗପ, କବିତା ଆଦି ବିଷୟରେ କଥାବାର୍ତ୍ତା କରିବ ଏବଂ ନିଜ ପ୍ରତିକ୍ରିୟା ପ୍ରକାଶ କରିବ।<br>ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ପାଇବ। | ୪୦, ୫୪<br>୪୧ରୁ ୪୪<br>୫୫ରୁ ୫୭ | | ୪୩-୪୭ |

| କ୍ରମିକ ନଂ | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ରମିକ ସଂଖ୍ୟା | ଶ୍ରେଣୀ ପାଠ୍ୟ ପୁସ୍ତକ ସଂପର୍କ (ପାଠ / ପ୍ରସଙ୍ଗ) | ପୃଷ୍ଠା ସଂଖ୍ୟା |
|---|---|---|---|---|
| ୧୮ | ପ୍ରିଣ୍ଟ୍‌ରେ (ଲେଖା ବା ଛପା) ଥିବା ଅକ୍ଷର, ଶବ୍ଦ ବା ବାକ୍ୟକୁ ଭାଗଭାଗ କରି ଚିହ୍ନିବ। | ୪୫, ୪୬ ୫୮, ୫୯ | | ୪୮- ୪୯ |
| ୧୯ | ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା / ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ। | ୪୭ ରୁ ୫୩ | | ୫୦- ୬୩ |
| ୨୦ | ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷର, ଆକୃତି ଓ ଧ୍ୱନିକୁ ଚିହ୍ନିବ। | ୬୧ରୁ୬୫ | | ୬୪- ୬୮ |
| ୨୧ | ଆକଳନ- ୨ | ୬୬ | | ୬୯- ୭୦ |

# କାର୍ଯ୍ୟଫର୍ଦ୍ଦ-୧

ଶୁଣିଥିବା ବିଷୟକୁ (ଗପ, କବିତା ଆଦି) କହିବ, ନିଜ ମତାମତ ଦେବ, ପ୍ରଶ୍ନ ପଚାରିବ।

ଚିତ୍ର ଦେଖ ଓ କ'ଣ ସବୁ ଦେଖୁଛ କୁହ। ଚିତ୍ର ବିଷୟରେ ଶିକ୍ଷକଙ୍କଠାରୁ ଗପ ଶୁଣ। ସାଙ୍ଗମାନଙ୍କ ସହ କଥାବାର୍ତ୍ତା କର। ଶିକ୍ଷକଙ୍କଠାରୁ ପଚାରି ବୁଝ।













## ଶିକ୍ଷକଙ୍କ ପାଇଁ ସୂଚନା

**କାର୍ଯ୍ୟପତ୍ର - ୧ ର ପରିଚାଳନା ସମୟରେ -**

- ଗପକୁ ଉପଯୁକ୍ତ ଶୈଳୀରେ କହିବେ । ଗପ ସଂପର୍କିତ ଚିତ୍ର ଦେଖାଇବେ । ଗପ ସଂପର୍କରେ ପିଲାଙ୍କ ମଧ୍ୟରେ କଥୋପକଥନ କରାଇବେ । କଥୋପକଥନ ସମୟରେ ଶୁଦ୍ଧ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେବେ ।

### ଶିକ୍ଷଣ ସାମଗ୍ରୀ:

- ଗପ ସଂପର୍କିତ ବଡ଼ଚିତ୍ର ।
- ଗପ ଶେଷରେ କୋଠରିରେ ଥିବା ଶବ୍ଦଗୁଡ଼ିକର ଚିତ୍ର କାର୍ଡ଼ ।

# କାର୍ଯ୍ୟପର୍ବ-୨

ଭାଷାରେ ଥିବା ଧ୍ୱନି ଓ ଶବ୍ଦ ସହିତ ଖେଳି ଆନନ୍ଦ ପାଇବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ପଢ଼ିବା।



ଘର



ଔଷଧ



ଏକ



ଚଦର



ଓଠ



ମହଲ



ଖଟ



ଅଜଗର



ଉଈ

ଶିକ୍ଷକଙ୍କ ପାଇଁ ସୂଚନା: କାର୍ଯ୍ୟପର୍ବରେ ଥିବା ଚିତ୍ରକାର୍ଡ଼ ଓ ଶବ୍ଦକାର୍ଡ଼ ପିଲାଙ୍କୁ ଦେଇ ଶବ୍ଦଖେଳ ମାଧ୍ୟମରେ ଅକ୍ଷର ପରିଚୟ କରାଇବେ।

# କାର୍ଯ୍ୟଫର୍ଦ୍ଦ-୩

ଭାଷାରେ ଥିବା ଧ୍ୱନି ଓ ଶବ୍ଦ ସହିତ ଖେଳି ଆନନ୍ଦ ପାଇବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ପଢ଼ିବା।


କଢ଼


ଋଷଭ


ଯଅ


ଫଳ


ସଡ଼କ


ନୟନ


ଆତ


ବରଗଛ


ଝରଣା


ଅଜଗର


ବଳଦ


ପଣସ

# କାର୍ଯ୍ୟଫର୍ଦ୍ଦ-୪

ଭାଷାରେ ଥିବା ଧ୍ୱନି ଓ ଶବ୍ଦ ସହିତ ଖେଳି ଆନନ୍ଦ ପାଇବା ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ସହିତ ଚିତ୍ରକୁ ଗାରଟାଣି ଯୋଡ଼ିବା । ଯେପରି –







ଅଜଗର

ଆତ

ବରଗଛ

ଘର

ମହଲ

ସଡ଼କ

ଫଳ

ଋଷଭ

ଈଷ

ଝର







# କାର୍ଯ୍ୟପତ୍ର-୫

ଭାଷାରେ ଥିବା ଧ୍ୱନି ଓ ଶବ୍ଦ ସହିତ ଖେଳି ଆନନ୍ଦ ପାଇବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ସହିତ ଚିତ୍ରକୁ ଗାରଟାଣି ଯୋଡ଼ିବା। ଯେପରି-











- ବଳଦ
- ଝର
- ଓଠ
- ଶର
- ଔଷଧ
- ଘର
- କଢ଼
- ନୟନ
- ଏକ
- ଅକ୍ଷର










# କାର୍ଯ୍ୟଫର୍ଦ୍ଦ-୬

ଭାଷାରେ ଥିବା ଧ୍ୱନି ଓ ଶବ୍ଦ ସହିତ ଖେଳି ଆନନ୍ଦ ପାଇବା।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ସହିତ ଚିତ୍ରକୁ ଗାରଟାଣି ଯୋଡ଼ିବା। ଯେପରି-







ଚଦର

ଶର

ମହଲ

ଖଟ

ଅଜଗର

ଉଇ







# କାର୍ଯ୍ୟପତ୍ର-୭

ପଢ଼ିଥିବା ଗପ, କବିତା ଆଦିରେ ଅକ୍ଷର ଚିହ୍ନିବ ଶବ୍ଦ / ବାକ୍ୟ ଆଦିକୁ ଦେଖିବ ଏବଂ ସେଗୁଡ଼ିକର ଧ୍ୱନିକୁ ଶୁଣି, ବୁଝି ଚିହ୍ନିବ।





ଜାଇମତି ତା'ର ମାଆ ଓ ବାପାଙ୍କ ସହ ସହରର ଏକ ମହଲରେ ରହୁଥାଏ। ସହରରୁ ବଣ ଆଡ଼କୁ ଯାଇଥିବା ସଡ଼କ ପାଖରେ ଥାଏ ଏକ ଝର। ଝର ନିକଟ ବରଗଛ ତଳେ ତାଙ୍କ ବଣଘର। ସେଇଠି ଜାଇମତି ତା' ପରିବାର ସହ ରହେ। ହାତୀ ଭଳି ବଡ଼ ଆଉ ଅନେକ ସାନ ଜୀବ ବଣରେ ରହନ୍ତି। ଦେହ ତୁଳନାରେ ଆଖି ଦୁଇଟି ଛୋଟ ହୋଇଥିବାରୁ ହାତୀ ସବୁବେଳେ ମନ ଊଣା କରୁଥାଏ। ଏଇ କଥା ଜାଇମତି ତା' ବାପାଙ୍କଠାରୁ ଶୁଣେ। ବଣର କାଠରେ ବାପା ଲଙ୍ଗଳ, ଈଷ, ଯୁଆଳି ତିଆରି କରି ବଳଦ ସାହାଯ୍ୟରେ ଚାଷ କରନ୍ତି। ବେଳେବେଳେ ଋଷିଭଟିଏ ଧାନ, ଗହମ ଓ ଯଅ ଫସଲ ଖାଇଯାଏ। ସେମାନେ ବଣର ଆମ୍ବ, ପଣସ, ଆତ ଆଦି ନାନା ଜାତିର ଫଳ ଗଛରୁ ତୋଳି ଖାଆନ୍ତି।





**ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପ ମଧ୍ୟରେ ଗୋଲ ବୁଲାଇବା। ଋଷଭ, ଆତ, ବରଗଛ, ଘର, ମହଲ, ସଡ଼କ, ଝର, ଯଅ, ଈଷ, ଫଳ, ପଣସ, ବଳଦ**

ଶିକ୍ଷକଙ୍କ ସୂଚନା : ଗପକୁ ଦୁଇ ତିନିଥର ପଢ଼ି ଶୁଣାଇବେ। ପିଲାଙ୍କୁ ଶବ୍ଦଗୁଡ଼ିକ ଉପରେ ଆଙ୍ଗୁଠି ରଖି ପଢ଼ିବାକୁ କହିବେ। ତା'ପରେ କୋଠରିରେ ଥିବା ଶବ୍ଦଗୁଡ଼ିକୁ ଗପରେ ଗୋଲ ବୁଲାଇବାକୁ କହିବେ। ସଂଶୋଧନ କରିବେ।

# କାର୍ଯ୍ୟଫର୍ଦ୍ଦ-୮

ପଢ଼ିଥିବା ଗପ, କବିତା ଆଦିରେ ଅକ୍ଷର ଚିହ୍ନିବ ଶବ୍ଦ / ବାକ୍ୟ ଆଦିକୁ ଦେଖିବ ଏବଂ ସେଗୁଡ଼ିକର ଧ୍ୱନିକୁ ଶୁଣି, ବୁଝି ଚିହ୍ନିବ।



ଦିନେ ଜାଇମତି ଝର ପାଖକୁ କଢ଼ ତୋଳିବାକୁ ଯାଇଥିଲା।



ହଠାତ୍ ବାଘଟିଏ ଦେଖି ଡରିଗଲା। ତା'ର ଓଠ ଥରିଉଠିଲା। ନୟନ ଦୁଇଟି ବୁଜି ହୋଇଗଲା। ସେ ଭୟରେ ବାପାବାପ ବୋଲି ପାଟି କଲା।





ବାପା ଘର ଭିତରୁ ଧନୁଶର ଧରି ଦୌଡ଼ି ଆସିଲେ। ଦେଖିଲେ, ମହାବଳ ବାଘଟିଏ ତାଙ୍କ ବଳଦ ଉପରକୁ କୁଦା ମାରିଛି। ସଙ୍ଗେସଙ୍ଗେ ସେ ବାଘକୁ ଶର ମାରିଲେ। ବାଘ ବଣ ଭିତରକୁ ଦୌଡ଼ି ପଳାଇଲା। ବାଘର ନଖରେ ବଳଦ ଦେହରେ କ୍ଷତ ହୋଇଯାଇଥାଏ। ଜାଇମତି ଓ ତା'ର ମାଆ ଘର ପଛପାଖ ବଣରୁ କିଛି ଚେରମୂଳି ଆଣିବାକୁ ଗଲେ।

ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପ ମଧ୍ୟରୁ ଗୋଲ ବୁଲାଇବା।

ଓଠ, ଶର, ଘର, ବଳଦ, କ୍ଷତ, କଢ଼, ଝର, ନୟନ

# କାର୍ଯ୍ୟପତ୍ର-୯

ପଢ଼ିଥିବା ଗପ, କବିତା ଆଦିରେ ଅକ୍ଷର ଚିହ୍ନିବ ଶବ୍ଦ / ବାକ୍ୟ ଆଦିକୁ ଦେଖିବ ଏବଂ ସେଗୁଡ଼ିକର ଧ୍ୱନିକୁ ଶୁଣି, ବୁଝି ଚିହ୍ନିବ।



ବାପା ତାଙ୍କ ପଛେପଛେ ଗଲେ। ବାଟରେ ଦେଖିଲେ ଏକ ବିରାଟ ଅଜଗର ଉଇହୁଙ୍କା ପାଖରେ ଶୋଇଛି। ସେମାନେ ସେଠାରୁ ଧୀରେଧୀରେ ବଣ ଭିତରକୁ ଗଲେ। ବଣରୁ



ଚେରମୂଳି ଆଣି ବଳଦର କ୍ଷତରେ ଲଗାଇଲେ। ଚେରମୂଳି ଔଷଧ ଲଗାଇବାରୁ ବଳଦର ଘାଆ ଶୁଖିବାକୁ ଲାଗିଲା। କିଛି ଦିନପରେ ଜାଇମତି ତା' ପରିବାର ସହିତ ପୁଣି ମହଲକୁ ଫେରିଆସିଲା ଓ ବଣଘର କଥା ମନେ ପକାଇ ଡରରେ ଚଦର ଘୋଡ଼ି ହୋଇ ଶୋଇପଡ଼ିଲା।

ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପ ମଧ୍ୟରେ ଗୋଲ ବୁଲାଇବା। ଅଜଗର, ଖଟ, ଚଦର, ଔଷଧ, ଘର, ମହଲ, ଡର, ବଳଦ, କ୍ଷତ, ଉଇ, ଏକ

# କାର୍ଯ୍ୟପତ୍ର-୧୦

ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି, ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନକଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଆସ ଦେଖିଦେଖି ଲେଖିବା ।

| | | | | |
|---|---|---|---|---|
| ଅଜଗର | | | | |
| ଆତ | | | | |
| ଖଟ | | | | |
| ଚଦର | | | | |
| ଓଠ | | | | |
| ଶର | | | | |
| ବରଗଛ | | | | |
| ଔଷଧ | | | | |
| ଘର | | | | |
| ମହଲ | | | | |

# କାର୍ଯ୍ୟପତ୍ର-୧୧

ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି, ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନକଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଆସ ଦେଖିଦେଖି ଲେଖିବା।

| | | | | |
|---|---|---|---|---|
| ଉଇ | | | | |
| ଏକ | | | | |
| ଫଳ | | | | |
| ପଣସ | | | | |
| ଈଷ | | | | |
| ଋଷଭ | | | | |
| ଐର | | | | |
| ଙ | | | | |
| ଞ | | | | |
| ଓ୍ୱ | | | | |

# କାର୍ଯ୍ୟପତ୍ର-୧୨

ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି, ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନକଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଆସ ଦେଖିଦେଖି ଲେଖିବା ।

| | | | | |
|---|---|---|---|---|
| ଈଷ | | | | |
| ଝର | | | | |
| ଡର | | | | |
| କଢ଼ | | | | |
| ରଥ | | | | |
| ଯଅ | | | | |
| କ୍ଷତ | | | | |
| ନୟନ | | | | |
| ହଂସ | | | | |
| ଓଃ | | | | |
| ଭଅଁର | | | | |

# କାର୍ଯ୍ୟପତ୍ର-୧୩

ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି, ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନକଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଗପର ଶବ୍ଦଗୁଡ଼ିକୁ ମନେ ପକାଇ ଶୂନ୍ୟସ୍ଥାନ ପୂରଣ କର ଓ ତଳ ଖାଲି ଘରେ ଦେଖିଦେଖି ଲେଖ।

| | | |
|---|---|---|
| ଶ............... | ବ..........ଗଛ | ଓ........... |
| କ୍ଷ............... | ସ..........କ | ପ........... |
| ମ.............ଲ | ବ..........ଦ | କ........... |
| ଔ............... | ............ଇ | ଊ........... |
| ଈ............... | ଏ........... | ଆ........... |
| ଚ.............ର | ...........ର | ଆ........... |
| ନ.............ନ | ଅ..........ର | ............ଅ |
| ଖ............... | ............ର | ନ............ |

# କାର୍ଯ୍ୟଫର୍ଦ୍ଦ-୧୪

ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି, ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନକଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

## ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ତା ପାଖ ଘରେ ଲେଖିବା।














# କାର୍ଯ୍ୟପତ୍ର-୧୪

ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି, ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନକଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଆସ କିଛି ଅଧିକ ଶବ୍ଦ ପଢ଼ିବା ଓ ଦେଖିଦେଖି ଲେଖିବା।

| | | | | |
|---|---|---|---|---|
| ଅରଟ, | ଅବସର, | ଆତ, | ଆଇ, | କଇଥ |
| ଐର | ଓଟ | କଳହ | ଖଦଡ଼ | |
| ଗଧ | ଚପଲ | ଜଟ | କଠଉ | ଶଗଡ଼ |
| ପଥର | ଭକ୍ଷକ | ମଗର | ଶୟନ | ଲକ୍ଷ |

# କାର୍ଯ୍ୟପତ୍ର-୧୭

ଓଡ଼ିଆ ବର୍ଣ୍ଣମାଳାର ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନିବ।

ପ୍ରତି ଧାଡ଼ିର ଅକ୍ଷରଗୁଡ଼ିକୁ ଦେଖି ତଳ ଖାଲି ଘରେ ଲେଖ।

| | | | | | | | | | | |
|---|---|---|---|---|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ | ଋ | ଏ | ଐ | ଓ | ଔ |
| | | | | | | | | | | |
| କ | ଖ | ଗ | ଘ | ଙ | ଚ | ଛ | ଜ | ଝ | ଞ | |
| | | | | | | | | | | |
| ଟ | ଠ | ଡ | ଢ଼ | ଣ | ତ | ଥ | ଦ | ଧ | ନ | |
| | | | | | | | | | | |
| ପ | ଫ | ବ | ଭ | ମ | ଯ | ୟ | ର | ଳ | ଲ | |
| | | | | | | | | | | |
| ୱ | ଶ | ଷ | ସ | ହ | କ୍ଷ | ଂ | ଃ | ଁ | | |
| | | | | | | | | | | |
| | | | | | | | | | | |

# କାର୍ଯ୍ୟପତ୍ର-୧୭

ଓଡ଼ିଆ ବର୍ଣ୍ଣମାଳାର ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନିବ ।

ଅକ୍ଷର କ୍ରମକୁ ମନେ ପକାଇ ଖାଲିଘରଗୁଡ଼ିକ ପୂରଣ କର ।

| | | | | | | | |
|---|---|---|---|---|---|---|---|
| ଅ | | | | | | | |
| କ | | | | ଚ | | | |
| ଟ | | | | ତ | | | |
| ପ | | | | ଯ | | | |
| ଶ୍ର | | | | କ୍ଷ | | | |

## ଶିକ୍ଷକଙ୍କ ପାଇଁ ସୂଚନା

**କାର୍ଯ୍ୟପତ୍ର – ୧୭ ପରେ ଶିକ୍ଷାର୍ଥୀ**

- ଓଡ଼ିଆ ବର୍ଣ୍ଣମାଳାର ସମସ୍ତ ଅକ୍ଷର ଚିହ୍ନାଇବ ।
- ଅବନା ଅକ୍ଷର ବିଶିଷ୍ଟ ଶବ୍ଦ ପଢ଼ିବ ଓ ଲେଖିବ ।
- ଏଥିପାଇଁ ଶିକ୍ଷକ କାର୍ଯ୍ୟପତ୍ରରେ ଦିଆଯାଇଥିବା ସାମଗ୍ରୀ ଓ ବ୍ୟବହୃତ କୌଶଳ ଅବଲମ୍ବନ କରି ଶିକ୍ଷଣ ପରିଚାଳନା କରିବେ ।

# କାର୍ଯ୍ୟଫର୍ଦ୍ଦ-୧୮

ଶୁଣିଥିବା ବିଷୟକୁ (ଗପ, କବିତା ଆଦି) କହିବ, ନିଜ ମତାମତ ଦେବ, ପ୍ରଶ୍ନ ପଚାରିବ।

ଆସ ଚିତ୍ର ଦେଖିବା। ଚିତ୍ର ବିଷୟରେ ଶିକ୍ଷକଙ୍କଠାରୁ ଶୁଣିବା। ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହେବା। ଶିକ୍ଷକଙ୍କୁ ପଚାରି ବୁଝିବା

















# କାର୍ଯ୍ୟଫର୍ଦ୍ଦ-୧୯

ଶୁଣିଥିବା ବିଷୟକୁ (ଗପ, କବିତା ଆଦି) କହିବ, ନିଜ ମତାମତ ଦେବ, ପ୍ରଶ୍ନ ପଚାରିବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ପଢ଼ିବା



କାଉ




ଠେକୁଆ




ତାଲା



କୁକୁର



ଜିଆ



ଫୁଲ



ଚିଲ



ନେଉଳ



ଗଛ



କୂପ

# କାର୍ଯ୍ୟଫର୍ଦ୍ଦ-୨୦

ଶୁଣିଥିବା ବିଷୟକୁ (ଗପ, କବିତା ଆଦି) କହିବ, ନିଜ ମତାମତ ଦେବ, ପ୍ରଶ୍ନ ପଚାରିବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ପଢ଼ିବା


ଦୀପ


ଘର


ସୈନିକ


ଢୋଲ


ପର୍ବତ


ଚୌକି


ପୋଟଳ


ଧୂପ


ଦୌଡ଼ିବା


କୂପ

# କାର୍ଯ୍ୟଫର୍ଦ୍ଦ-୨୧

ଶୁଣିଥିବା ବିଷୟକୁ (ଗପ, କବିତା ଆଦି) କହିବ, ନିଜ ମତାମତ ଦେବ, ପ୍ରଶ୍ନ ପଚାରିବ।

ଚିତ୍ର ସହ ଚିତ୍ରର ନାମକୁ ଗାରଟାଣି ଯୋଡ଼।



ବୃକ୍ଷ ଜିଆ





କାଉ ତାଲା





ଚିଲ ଫୁଲ






ଠେକୁଆ ନେଉଳ





କୁକୁର କୂପ



# କାର୍ଯ୍ୟଫର୍ଦ୍ଦ-୨୨

ଶୁଣିଥିବା ବିଷୟକୁ (ଗପ, କବିତା ଆଦି) କହିବ, ନିଜ ମତାମତ ଦେବ, ପ୍ରଶ୍ନ ପଚାରିବ।

ଚିତ୍ର ସହ ଚିତ୍ରର ନାମକୁ ଗାରଟାଣି ଯୋଡ଼।





ବୀର | ପୋଟଳ





ଶୈଳ | ଦୌଡ଼





ଚୌକି | ଢୋଲ





ଦୀପ | ଧୂପ





ଗୃହ | ସୈନିକ

# କାର୍ଯ୍ୟପତ୍ର-୨୩

ପଢ଼ିଥିବା ଗପ, କବିତା ଆଦିରେ ଅକ୍ଷର ଚିହ୍ନିବ। ଶବ୍ଦ / ବାକ୍ୟ ଆଦିକୁ ଦେଖିବ ଏବଂ ସେଗୁଡ଼ିକର ଧ୍ୱନିକୁ ଶୁଣି, ବୁଝି ଚିହ୍ନିବ।





ଜିଆ ମାଟିତଳେ ରହେ। କାଉ ଓ ଚିଲ ଗଛରେ ରହନ୍ତି। ଠେକୁଆ, କୁକୁର ଓ ନେଉଳ ମାଟି ଉପରେ ରହନ୍ତି। ସଭିଏଁ ପୃଥିବୀର ଜୀବ। ବୃକ୍ଷ ଆମକୁ ଫୁଲ, ଫଳ, ପତ୍ର ଓ କାଠ ଦିଏ। ତା'ର କାଠରେ ଗୃହ ନିର୍ମାଣ କରାଯାଏ। ଦିନେ ଜିଆ,



କାଉ, ଚିଲ, ନେଉଳ ଠେକୁଆ ଓ କୁକୁର ବୃକ୍ଷ ତଳେ ବସି ବଣରେ ଥିବା କୂପକୁ ପୂଜା କରିବା ପାଇଁ ବିଚାର କଲେ। କୂପ ସମସ୍ତଙ୍କ ଶୋଷ ଦୂର କରିଥାଏ। ସେ ବି ବୃକ୍ଷ ପରି ପରୋପକାରୀ।

ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପ ମଧ୍ୟରେ ଗୋଲ ବୁଲାଇବା।

ଜିଆ, କାଉ, ଚିଲ, କୁକୁର, ନେଉଳ, ମାଟି, ବୃକ୍ଷ, ଫୁଲ, କାଠ, ଠେକୁଆ, ଗୃହ, କୂପ

# କାର୍ଯ୍ୟଫର୍ଦ୍ଦ-୨୪

ପଢ଼ିଥିବା ଗପ, କବିତା ଆଦିରେ ଅକ୍ଷର ଚିହ୍ନିବ। ଶବ୍ଦ / ବାକ୍ୟ ଆଦିକୁ ଦେଖିବ ଏବଂ ସେଗୁଡ଼ିକର ଧ୍ୱନିକୁ ଶୁଣି, ବୁଝି ଚିହ୍ନିବ।








ବଣକୂପ ପୂଜା ପାଇଁ ଦିନ ଠିକ୍ କରାଗଲା। ଚିଲ କହିଲା– ପୂଜା ପାଇଁ ମୁଁ ଫୁଲ, ଦୀପ ଓ ଧୂପ ଆଣିବି। ନେଉଳ କହିଲା– ମୁଁ ଢ଼ୋଲ ବଜାଇବି। ଏହି ସମୟରେ ଜଣେ ଲୋକ ଦୌଡ଼ିଦୌଡ଼ି ଆସି କୂପରୁ ପାଣି ନେଇ କିଛି ଦୂରରେ ଅସୁସ୍ଥ ହୋଇ ଶୋଇଥିବା ବୀର ସୈନିକଙ୍କୁ ପିଆଇଲେ। ଜିଆ, କାଉ, ଚିଲ, ନେଉଳ ଓ କୁକୁର ଦୂରରୁ ଏ ସବୁ ଦେଖି ଖୁସି ହେଲେ। ପରଦିନ କୁକୁର ବଣକୂପ ପୂଜା କରୁଥାଏ। ସମସ୍ତେ ପୂଜା କରୁଥିବା ବେଳେ ଜିଆ ଚୌକିରେ ବସି ପୋଟଳ ଖାଇବାରେ ଲାଗିଥାଏ। ଏକଥା ଦେଖି କାଉ ରାଗିଗଲା। ସେଦିନଠାରୁ କାଉ ଜିଆକୁ ଯେଉଁଠି ବି ଦେଖେ ଖୁମ୍ପିଖୁମ୍ପି ଖାଇଦିଏ।






**ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପ ମଧ୍ୟରେ ଗୋଲ ବୁଲାଇବା।**

**ଦୀପ, ଧୂପ, ଢ଼ୋଲ, ପୋଟଳ, ପୂଜା, ଦୌଡ଼ି, ବୀର, ସୈନିକ, ଚୌକି**

# କାର୍ଯ୍ୟଫର୍ଦ୍ଦ-୨୪

ଓଡ଼ିଆ ବର୍ଣ୍ଣମାଳାର ଅକ୍ଷର ଆକୃତି ଓ ଧ୍ୱନିକୁ ଚିହ୍ନିବ।

‘କ’ ସ୍ତମ୍ଭର ମାତ୍ରା ସହ ‘ଖ’ ସ୍ତମ୍ଭରେ ଥିବା ସେହି ମାତ୍ରାଯୁକ୍ତ ଶବ୍ଦ କୋଠରିକୁ ଗାରଟାଣି ଯୋଡ଼ିବା।

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| ( ା ) ଆ କାର | ଚିଲ, ଜିଆ |
| ( ି ) ଇ କାର | କୁକୁର, ଫୁଲ |
| ( ୀ ) ଈ କାର | କାଉ, କାଠ |
| ( ୁ ) ଉ କାର | ଦୀପ, ବୀର |
| ( ୂ ) ଊ କାର | ଢ଼ୋଲ, ପୋଟଳ |
| ( ୃ ) ଋ କାର | ପେଟ, ନେଉଳ |
| ( େ ) ଏ କାର | କୂପ, ଧୂପ |
| ( ୈ ) ଐ କାର | ଦୌଡ଼, ଚୌକି |
| ( ୋ ) ଓ କାର | ଶୈଳ, ସୈନିକ |
| ( ୌ ) ଔ କାର | ବୃକ୍ଷ, ଗୃହ |

## କାର୍ଯ୍ୟପତ୍ର-୨୬

ଲେଖା ଶିଖିବା ପରେ ନିଜ ବିକାଶତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା /ତେରଛା ଲେଖା, ଅକ୍ଷର ଆକୃତି ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନ କଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଆସ ଦେଖିଦେଖି ଲେଖିବା।

| | | | | | |
|---|---|---|---|---|---|
| କାଉ | | | | | |
| କାଠ | | | | | |
| ଜିଆ | | | | | |
| ଦୀପ | | | | | |
| ବୀର | | | | | |
| କୁକୁର | | | | | |
| କୂପ | | | | | |
| ଫୁଲ | | | | | |

# କାର୍ଯ୍ୟପତ୍ର-୭୭

ଲେଖା ଶିଖିବା ପରେ ନିଜ ବିକାଶତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା /ତେରଛା ଲେଖା, ଅକ୍ଷର ଆକୃତି ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନ କଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଆସ ଦେଖିଦେଖି ଲେଖିବା ।

| | | | | | |
|---|---|---|---|---|---|
| ଧୂପ | | | | | |
| ବୃକ୍ଷ | | | | | |
| ଗୃହ | | | | | |
| ପେଟ | | | | | |
| ନେଉଳ | | | | | |
| ଶୈଳ | | | | | |
| ଢୋଲ | | | | | |
| ଦୌଡ଼ | | | | | |

# କାର୍ଯ୍ୟପତ୍ର-୨୮

ଲେଖା ଶିଖିବା ପରେ ନିଜ ବିକାଶାତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା /ତେରଛା ଲେଖା, ଅକ୍ଷର ଆକୃତି ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନ କଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଦଳରେ ଆଲୋଚନା କରି ଚିତ୍ରଗୁଡ଼ିକର ନାମ ତା ପାଖ ଘରେ ଲେଖିବା ।


..........ଉଳ


......ଆ


.......ଉ


.......ର


........ନିକ


..... ଲା


....... ପ


.... .... ଆ


......... କ୍ଷ


..... ପ


......ଡ଼


..... ଲ


..... .... ର


........ତ


.........ଲ


..... କି


..........ହ


..... ଟଳ


.........ପ


......ଲ

# କାର୍ଯ୍ୟପତ୍ର-୭୯

ଲେଖା ଶିଖିବା ପରେ ନିଜ ବିକାଶତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା /ତେରଛା ଲେଖା, ଅକ୍ଷର ଆକୃତି ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନ କଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଥାଳ, ନାଟକ, ଯାଯାବର, ରାଜା, ପାହାଡ଼

ଥାଳ

ଝିଟିପିଟି, ମାଣିକ, ଫିଟିକିରି, ମିଠା, ଶିବ

ଝିଟିପିଟି

ଜନନୀ, ନଦୀ, ଭଗିନୀ, ସମୀର, ଧରଣୀ

ଜନନୀ

ଦୁନିଆ, ମୁକୁତା, ଯୁଆଳି, କୁଳୁକୁଳୁ, ଆଳୁଅ

ଦୁନିଆ

ଦୂର, ମୂଳା, ପୂଜା, ଭୂମି, ମୟୂର

ଦୂର

# କାର୍ଯ୍ୟପତ୍ର-୩୦

ଲେଖା ଶିଖିବା ପରେ ନିଜ ବିକାଶତ୍ମକ ସ୍ତର ଅନୁସାରେ ଚିତ୍ର, ସିଧା /ତେରଛା ଲେଖା, ଅକ୍ଷର ଆକୃତି ପ୍ରଚଳିତ ଲେଖାଶୈଳୀ ମାଧ୍ୟମରେ ଶୁଣିଥିବା ଓ ନିଜ ମନ କଥାକୁ ନିଜ ଭାଷାରେ ଲେଖିବାକୁ ଚେଷ୍ଟା କରିବ।

ଆସ, ପଢ଼ିବା ଓ ଦେଖିଦେଖି ଲେଖିବା।

କୃଷିଜୀବୀ, ଘୃତ, ତୃଷା, ନୃପତି, ଶୃଗାଳ

କୃଷିଜୀବୀ

ଛେଳି, ବଢ଼େଇ, ପେଟ, ମେଘ, ରେଖା

ଛେଳି

କୈଳାଶ, ଶୈଶବ, ତୈଳ, ବୈଶାଖ, ନୈରତ

କୈଳାଶ

ଗୋଲାକାର, ଦୋକାନ, ଫୋଟକା, ଭୋଜନ, ସୋରିଷ

ଗୋଲାକାର

କୌଶଳ, ଗୌରବ, ନୌକା, ସୌରଭ, ପୌଷ

କୌଶଳ

# ଶିକ୍ଷକଙ୍କ ପାଇଁ ସୂଚନା

**କାର୍ଯ୍ୟଫର୍ଦ୍ଦ - ୩୦ ପରେ ଶିକ୍ଷାର୍ଥୀ**

- ସମସ୍ତ ମାତ୍ରା ଚିହ୍ନଟ କରିବ ।
- ସମସ୍ତ ମାତ୍ରା ବ୍ୟବହାର କରି ଶବ୍ଦ ଗଠନ କରିବ ।
- ସମସ୍ତ ମାତ୍ରାଯୁକ୍ତ ଶବ୍ଦ ପଢ଼ିବ ଓ ଲେଖିବ ।
- ଏଥିପାଇଁ ଶିକ୍ଷକ କାର୍ଯ୍ୟ ଫର୍ଦ୍ଦରେ ଦିଆଯାଇଥିବା ଶିକ୍ଷଣ ସାମଗ୍ରୀ ଓ ବ୍ୟବହାର ହୋଇଥିବା କୌଶଳ ଆଧାରରେ ଶିକ୍ଷଣ କାର୍ଯ୍ୟ ପରିଚାଳନା କରିବେ ।

# କାର୍ଯ୍ୟପତ୍ର-୩୧

## ଆକଳନ-୧

ନିମ୍ନ ପ୍ରଶ୍ନଗୁଡ଼ିକର ତିନିଟି ଲେଖାଏଁ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତର ପାଖରେ (✓) ଚିହ୍ନ ଦିଅ ।

୧.  ଏହି ଚିତ୍ରଟିର ନାମ କ'ଣ ?

(କ) କରତ (ଖ) ପଣସ (ଗ) ବଳଦ — ଉତ୍ତର: ...........

୨. କ,ସ,ଡ଼ ଅକ୍ଷରଗୁଡ଼ିକୁ ସଜାଡ଼ି ଲେଖିଲେ ଠିକ୍ ଶବ୍ଦଟି କ'ଣ ହେବ ?

(କ) ସକଡ଼ (ଖ) ଡ଼ସକ (ଗ) ସଡ଼କ — ଉତ୍ତର: ...........

୩. ଓଡ଼ିଆ ବର୍ଣ୍ଣମାଳାର ଅକ୍ଷର କ୍ରମରେ ବ ଓ ମ ମଝିରେ କେଉଁ ଅକ୍ଷର ଅଛି ?

(କ) ଉ (ଖ) ସ (ଗ) ଯ — ଉତ୍ତର: ...........

୪. ଋଷଭ ଶବ୍ଦରେ 'ଷ' କେଉଁଠି ଅଛି ?

(କ) ଆଗରେ (ଖ) ଶେଷରେ (ଗ) ମଝିରେ — ଉତ୍ତର: ...........

୫. 'ଅଜ.......'ରେ କ'ଣ ଲେଖିଲେ ଠିକ୍ ଶବ୍ଦଟିଏ ମିଳିବ ?

(କ) କର (ଖ) ଗର (ଗ) ଜର — ଉତ୍ତର: ...........

୬. କେଉଁ ଶବ୍ଦରେ 'ର' କାର ଲାଗିଛି ?

(କ) ଦ୍ରୁପଦ (ଖ) ଋଷଭ (ଗ) ନୃପତି — ଉତ୍ତର: ...........

୭. 'ନିକସୈ'ର ଅକ୍ଷରଗୁଡ଼ିକୁ କିପରି ଲେଖିଲେ ଶବ୍ଦଟି ଠିକ୍ ହେବ ?

(କ) ସୈକନି (ଖ) ସୈନିକ (ଗ) କନିସୈ — ଉତ୍ତର: ...........

୮. 'ଗୌତମ' ଶବ୍ଦରେ କେଉଁ ମାତ୍ରା ଲାଗିଛି ?

(କ) 'ଓ'କାର (ଖ) 'ଐ'କାର (ଗ) 'ଔ'କାର — ଉତ୍ତର: ...........

୯. କେଉଁ ବାକ୍ୟଟି ଠିକ୍ ଲେଖାଯାଇଛି ?

(କ) ଦେଖି କାଉ ରାଗିଗଲା ଏକଥା

(ଖ) ଏକଥା ରାଗିଗଲା କାଉ ଦେଖି ।

(ଗ) ଏକଥା ଦେଖି କାଉ ରାଗିଗଲା । — ଉତ୍ତର: ...........

୧୦. 'ନଦ' ଶବ୍ଦରେ 'ଈ'କାର ଲଗାଇ ଠିକ୍ ଶବ୍ଦଟି କ'ଣ ହେବ ଲେଖିବା ?

(କ) ନୀଦ (ଖ) ନଦି (ଗ) ନଦୀ — ଉତ୍ତର: ...........

# କାର୍ଯ୍ୟପତ୍ର-୩୨

ଦେଖିଥିବା, ଶୁଣିଥିବା କଥା, ଗପ, କବିତା ଆଦି ବିଷୟରେ କଥାବାର୍ତ୍ତା କରିବ ଏବଂ ନିଜ ପ୍ରତିକ୍ରିୟା ପ୍ରକାଶ କରିବ।

ଆସ ଚିତ୍ର ଦେଖିବା । ଚିତ୍ର ସଂପର୍କରେ ଶିକ୍ଷକଙ୍କଠାରୁ ଶୁଣିବା । ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହେବା । ଶିକ୍ଷକଙ୍କୁ ପଚାରି ବୁଝିବା ।















# କାର୍ଯ୍ୟପତ୍ର-୩୩

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ନେବା।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ପଢ଼ିବା



ବାଦ୍ୟ



ପଦ୍ମ



ମଲ୍ଲୀ



ସର୍ପ



ଅଶ୍ୱ



ବେଲପତ୍ର



ରତ୍ନ

# କାର୍ଯ୍ୟପତ୍ର-୩୪

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ନେବା।

ଆସ ଦଳରେ ସହ ଚିତ୍ରର ନାମକୁ ଗାରଟାଣି ଯୋଡ଼ିବା।







ବାଦ୍ୟ

ବେଲପତ୍ର

ମଲ୍ଲୀ

ଅଶ୍ୱ

ପଦ୍ମ

ରତ୍ନ

ସର୍ପ









# କାର୍ଯ୍ୟଫର୍ଦ୍ଦ-୩୫

ପ୍ରିଣ୍ଟରେ (ଲେଖା ବା ଛପା) ଥିବା ଅକ୍ଷର, ଶବ୍ଦ ବା ବାକ୍ୟକୁ ଭାଗ ଭାଗ କରି ଚିହ୍ନିବ।



ଦିନେ ଜଣେ ରାଜା ଛଦ୍ମ ବେଶରେ ଅଶ୍ୱ ଉପରେ ବସି ଭ୍ରମଣ କରୁଥିଲା ବେଳେ ହାଲିଆ ହୋଇ ପଡ଼ିବାରୁ ଅଶ୍ୱରୁ ଓହ୍ଲାଇ ଗୋଟଏ ଗଛ ଛାଇରେ ବସିପଡ଼ିଲେ। ସେଠାରେ ସେ ରତ୍ନ ନିର୍ମିତ ସର୍ପ ଓ ନବଗ୍ରହଙ୍କ ମୂର୍ତ୍ତି ଦେଖିଲେ। ସଙ୍ଗେସଙ୍ଗେ ତାଙ୍କ ସୈନ୍ୟମାନଙ୍କୁ ଡକାଇଲେ। ସୈନ୍ୟମାନେ ମଲ୍ଲିଫୁଲ, ପଦ୍ମଫୁଲ, ବେଲପତ୍ର ଓ ବାଦ୍ୟବାଜଣା ନେଇ ସେଠାକୁ ଗଲେ। ବିଭିନ୍ନ ଶ୍ଳୋକ ପଢ଼ି ନବଗ୍ରହ ଓ ରତ୍ନ ନିର୍ମିତ ସର୍ପକୁ ପୂଜା କଲେ। ସେହି ଦିନଠାରୁ ନବଗ୍ରହ ଓ ରତ୍ନ ନିର୍ମିତ ସର୍ପ ବଣରେ ପୂଜା ପାଇଲେ।



ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପ ମଧ୍ୟରେ ଗୋଲ ବୁଲାଇବା। (ଅଶ୍ୱ, ଶ୍ଳୋକ, ବେଲପତ୍ର, ଭ୍ରମଣ, ରତ୍ନ, ସର୍ପ, ନବଗ୍ରହ, ମଲ୍ଲୀ, ପଦ୍ମ, ବାଦ୍ୟ)

# କାର୍ଯ୍ୟପତ୍ର-୩୬

ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷର, ଆକୃତି ଓ ଧ୍ୱନିକୁ ଚିହ୍ନିବା।

'କ' ସ୍ତମ୍ଭର ଫଳା ସହ 'ଖ' ସ୍ତମ୍ଭର ସେହି ଫଳାଯୁକ୍ତ ଶବ୍ଦକୁ ଗାରଟାଣି ଯୋଡ଼।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ( ୍ୟ ) ଯ ଫଳା | ମଲ୍ଲୀଫୁଲ |
| ( ୍ୱ ) ୱ ଫଳା | ଅଶ୍ୱ |
| ( ୍ମ ) ମ ଫଳା | ଲକ୍ଷ୍ୟ |
| ( ୍ନ ) ନ ଫଳା | ରତ୍ନ |
| ( ୍ର ) ର ଫଳା | ଶ୍ଳୋକ |
| ( ୍ଳ ) ଳ ଫଳା | ସର୍ପ |
| ( ର୍ ) ରେଫ୍ | ଗ୍ରହ |
| ( ୍ଲ ) ଲ ଫଳା | ପଦ୍ମ |

# କାର୍ଯ୍ୟପତ୍ର-୩୭

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ ।

ଆସ ଶବ୍ଦଗୁଡ଼ିକୁ ପଢ଼ିବା ଓ ଦେଖିଦେଖି ଲେଖିବା

| | | | | |
|---|---|---|---|---|
| ଅଶ୍ୱ | | | | |
| ସର୍ପ | | | | |
| ରତ୍ନ | | | | |
| ଶ୍ଳୋକ | | | | |
| ନବଗ୍ରହ | | | | |
| ପଦ୍ମ | | | | |
| ମଲ୍ଲୀ | | | | |
| ବାଦ୍ୟ | | | | |

# କାର୍ଯ୍ୟପତ୍ର-୩୮

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା/ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ତା' ପାଖ ଘରେ ଲେଖିବା।



ର.........



ବା... ... ...



ପ... ...



ସ.........



ମ.. .... ...



ବେଲ.. ...



ଅ.........

# କାର୍ଯ୍ୟପତ୍ର-୩୯

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା/ଡେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ।

ଆସ ପଢ଼ିବା ଓ ଲେଖିବା

ବିଦ୍ୟାଳୟ, ହାସ୍ୟରସ, ଖଦ୍ୟୋତିକା

ରଶ୍ମି, ବ୍ରହ୍ମ, ଭସ୍ମ, ସମ୍ମାନ, ଧରିତ୍ରୀ

କ୍ରିୟା, ପ୍ରଗତିବାଦୀ, ଜଗନ୍ନାଥ, ସ୍ନାନ

ମଧ୍ୟାହ୍ନ, ଶ୍ଳୋକ, ବିପ୍ଳବ, ଅମ୍ଳଜାନ

ଦିଲ୍ଲୀ, ପଲ୍ଲବୀ, ଜିଲ୍ଲା, ବିଦ୍ୱାନ

ଶ୍ୱାସ, ଆଶ୍ୱିନ, ବର୍ଷ, କର୍ପୂର

## ଶିକ୍ଷକଙ୍କ ପାଇଁ ସୂଚନା

କାର୍ଯ୍ୟପତ୍ର - ୩୯ ପରେ ଶିକ୍ଷାର୍ଥୀ

- ସମସ୍ତ ମାତ୍ରା ଓ ଫଳାଯୁକ୍ତ ଶବ୍ଦ ପଢ଼ିବ ଓ ଲେଖିବ।
- ସମସ୍ତ ମାତ୍ରା ଓ ଫଳା ବ୍ୟବହାର କରି ଶବ୍ଦ ଗଠନ କରିବ।

# କାର୍ଯ୍ୟପତ୍ର-୪୦

ଦେଖିଥିବା, ଶୁଣିଥିବା କଥା, ଗପ, କବିତା ଆଦି ବିଷୟରେ କଥାବାର୍ତ୍ତା କରିବ ଏବଂ ନିଜ ପ୍ରତିକ୍ରିୟା ପ୍ରକାଶ କରିବ।

ଆସ ଚିତ୍ର ଦେଖିବା। ଚିତ୍ର ବିଷୟରେ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହେବା। ଶିକ୍ଷକଙ୍କୁ ପଚାରିବା। ଶିକ୍ଷକଙ୍କଠାରୁ ଗପଟି ଚିତ୍ର ସଂପର୍କରେ ଅଧିକ ଜାଣିବା।



# କାର୍ଯ୍ୟପତ୍ର-୪୧

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ପାଇବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ପଢ଼ିବା।


କଙ୍କଡ଼ା


ଶଙ୍ଖ


ବେଙ୍ଗ


ଶୁଣ୍ଢ


ବଶିଷ୍ଠ ଋଷି


ଥଂଟ


ପାମ୍ପଡ଼


ଲଣ୍ଠନ


ଓଷ୍ଠ


ପୁଷ୍କରିଣୀ


ଆମ୍ର


ଡେମ୍ଫ

# କାର୍ଯ୍ୟପତ୍ର-୪୨

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ପାଇବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ପଢ଼ିବା।



ପାଂଚ



ଦାନ୍ତ



ସ୍ତମ୍ଭ



କାନ୍ଥ



ବନ୍ଧାକୋବି



ଭେଣ୍ଡି



ଜଙ୍ଘ



ପଞ୍ଜୁରି



ମନ୍ଦାର



ମୁଷ୍ଟି (ହାତ ମୁଠା)

# କାର୍ଯ୍ୟପତ୍ର-୪୩

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ପାଇବ।

ଦଳରେ ଆଲୋଚନା କରି ଚିତ୍ର ସହ ଠିକ୍ ଶବ୍ଦକୁ ଗାରଟାଣି ଯୋଡ଼।







ଥଂଟ

ପାମ୍ପଡ଼

ବଶିଷ୍ଠ

ବେଙ୍ଗ

ଲଣ୍ଠନ

ଶଙ୍ଖ

ଓଷ୍ଠ

ଶୁଣ୍ଢ

ପୁଷ୍କରିଣୀ

ଆମ୍ବ








# କାର୍ଯ୍ୟଫର୍ଦ୍ଦ-୪୪

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ପାଇବ।

ଦଳରେ ଆଲୋଚନା କରି ଚିତ୍ର ସହ ଠିକ୍ ଶବ୍ଦକୁ ଗାରଟାଣି ଯୋଡ଼।









ଭେଣ୍ଡି

ବନ୍ଧାକୋବି

ଜଙ୍ଘ

ଦାନ୍ତ

ସ୍ତମ୍ଭ

ମନ୍ଦାର

ପାଂଚ

କାନ୍ଥ

ପଞ୍ଜୁରି











# କାର୍ଯ୍ୟଫର୍ଦ୍ଦ-୪୫

ପ୍ରିଂଟରେ (ଲେଖା ବା ଛପା) ଥିବା ଅକ୍ଷର, ଶବ୍ଦ ବା ବାକ୍ୟକୁ ଭାଗଭାଗ କରି ଚିହ୍ନିବ।






କଙ୍କଡ଼ା, ଶଙ୍ଖ, ବେଙ୍ଗ ଓ କଇଁଛ ଏ ସମସ୍ତେ ବଣର ଗୋଟି, ଏ ପୁଷ୍କରିଣୀରେ ରହନ୍ତି। ସେହି ବଣରେ ଅନେକ ପଶୁପକ୍ଷୀ ମଧ୍ୟ ରହନ୍ତି। ଦିନେ ସକାଳେ କଙ୍କଡ଼ା, ଶଙ୍ଖ, ବେଙ୍ଗ ଓ କଇଁଛ ବସି ବିଚାର କରୁଥିଲେ। ହାତୀ ସେଠାରେ ପହଞ୍ଚି ଶୁଣ୍ଢ ହଲାଇ କହିଲା, 'ତୁମେ ଜଳରେ ରହୁଥିବାରୁ ତୁମମାନଙ୍କୁ ଶୋଷ ଜଣାଯାଏ ନାହିଁ। ମଣିଷ ପରି ଆମେ ସ୍ଥଳ ଭାଗରେ ରହୁଥିବାରୁ ଖରାରେ କଣ୍ଠ, ଓଷ୍ଠ ଶୁଖିଯାଏ ଓ ଶୋଷ ହୁଏ। ମଣିଷମାନେ ପାମ୍ପଡ଼ ଖାଇଲେ ତାଙ୍କୁ ବି ଶୋଷ ହୁଏ। ଶୁଆ ଆମ୍ବଗଛ ଡାଳରେ ଥଣ୍ଟ ଘଷି ଦୁଇ ତିନୋଟି ପତ୍ର ଡେମ୍ଫରୁ ଛିଣ୍ଡାଇ ହାତୀ ଉପରକୁ ପକାଇ ଦେଇ କହିଲା, ହଁ ହଁ ମୋତେ ବି ଖରାରେ ଶୋଷ ହୁଏ।' ବାଘ ସେଠାରେ ପହଞ୍ଚି ତା'ର ପଞ୍ଝା ଦେଖାଇ କହିଲା, 'ହଁହଁ ମୋତେ ବି ଖରାରେ ଶୋଷ ହୁଏ।'








ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପମଧ୍ୟରେ ଗୋଲ ବୁଲାଇବା।

କଙ୍କଡ଼ା, ଶଙ୍ଖ, ବେଙ୍ଗ, ଶୁଣ୍ଢ, ପାମ୍ପଡ଼, ଡେମ୍ଫ, ଥଣ୍ଟ, କଣ୍ଠ, ଓଷ୍ଠ, ଆମ୍ବ, ପୁଷ୍କରିଣୀ, ପଞ୍ଝା

# କାର୍ଯ୍ୟଫର୍ଦ୍ଦ-୪୬

ପ୍ରିଂଟରେ (ଲେଖା ବା ଛପା) ଥିବା ଅକ୍ଷର, ଶବ୍ଦ ବା ବାକ୍ୟକୁ ଭାଗଭାଗ କରି ଚିହ୍ନିବ।






ସରପଂଚ ବାବୁ ଦାନ୍ତ ଘଷିଘଷି ଜମିରୁ ବନ୍ଧାକୋବି, ଭେଣ୍ଡି, ବାଇଗଣ ଓ ପୋଟଳ ନେଇ ଘରକୁ ଫେରୁଥାନ୍ତି। ତାଙ୍କୁ ହାତୀ ଓ ଶୁଆ ବିଚାର ସ୍ଥଳୀକୁ ଡାକି ଲୋକମାନଙ୍କ ବିରୋଧରେ କେତେକ ଅଭିଯୋଗ କଲେ। ଶୁଆ କହିଲା, 'ମୁଁ ମଣିଷଙ୍କ ପରି କଥା କହୁଥିବାରୁ ମଣିଷମାନେ ଆମକୁ ପଞ୍ଜୁରିରେ ରଖନ୍ତି। ମୋତେ ବହୁତ କଷ୍ଟ ଲାଗେ।' ହାତୀ କହିଲା – ମୋତେ ମାରି ମୋର ଦାନ୍ତ କାଟି ନେଉଛନ୍ତି। ସରପଞ୍ଚଙ୍କ ଜଙ୍ଘ ବ୍ୟଥା ହେଉଥିବାରୁ ସେ କୁଟୀର କାନ୍ଥ ପାଖରେ ଥିବା ଗୋଟିଏ ସ୍ତମ୍ଭକୁ ଆଉଜି ବସି ଏମାନଙ୍କ ଅଭିଯୋଗ ଶୁଣିଲେ। ସେ କହିଲେ ' ଭଗବାନଙ୍କ ସୃଷ୍ଟିରେ ଶୁଆ ପାଇଁ ପଞ୍ଜୁରି ନିଷେଧ। ତେଣୁ ଶୁଆକୁ ପଞ୍ଜୁରିରେ ନ ରଖିବା ପାଇଁ, ତଥା ହାତୀଙ୍କୁ ନ ମାରିବା ପାଇଁ ମୁଁ ମଣିଷମାନଙ୍କୁ ବୁଝାଇବି।' ସରପଞ୍ଚଙ୍କ କଥାରେ ଖୁସି ହୋଇ ହାତୀ ତାଙ୍କୁ ମନ୍ଦାର ଫୁଲ ଦେଇ ଧନ୍ୟବାଦ ଦେଲା।






**ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପମଧ୍ୟରେ ଗୋଲ ବୁଲାଇବା।**

**ସରପଞ୍ଚ, ଦାନ୍ତ, ସ୍ତମ୍ଭ, କାନ୍ଥ, ବନ୍ଧାକୋବି, ଭେଣ୍ଡି, ଜଙ୍ଘ, ପଞ୍ଜୁରୀ, ମନ୍ଦାର, କଷ୍ଟ**

## କାର୍ଯ୍ୟଫର୍ଦ୍ଦ-୪୭

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା / ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ।

ଆସ ଦେଖିଦେଖି ଲେଖିବା।

| | | | | | |
|---|---|---|---|---|---|
| କଙ୍କଡ଼ା | | | | | |
| ଶଙ୍ଖ | | | | | |
| ବେଙ୍ଗ | | | | | |
| ଜଙ୍ଘ | | | | | |
| ପାଞ୍ଚ | | | | | |
| ଥଣ୍ଟ | | | | | |
| କଣ୍ଠ | | | | | |
| ପଞ୍ଝା | | | | | |

## କାର୍ଯ୍ୟଫର୍ଦ୍ଦ-୪୮

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା / ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ ।

ଆସ ଦେଖିଦେଖି ଲେଖିବା ।

| | | | | |
|---|---|---|---|---|
| ସ୍ତମ୍ଭ | | | | |
| ସରପଞ୍ଚ | | | | |
| ଓଷ୍ଠ | | | | |
| ବନ୍ଧାକୋବି | | | | |
| ପଞ୍ଝୁରି | | | | |
| କଷ୍ଟ | | | | |

# କାର୍ଯ୍ୟପତ୍ର-୪୯

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା / ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ।

ଆସ ଦେଖିଦେଖି ଲେଖିବା।

| | | | | | |
|---|---|---|---|---|---|
| ଶୁଣ୍ଢ | | | | | |
| ଆମ୍ବ | | | | | |
| ଭେଣ୍ଡି | | | | | |
| ଦାନ୍ତ | | | | | |
| କାନ୍ଥ | | | | | |
| ମନ୍ଦାର | | | | | |
| ପାମ୍ପଡ଼ | | | | | |
| ଡେମ୍ଫ | | | | | |

# କାର୍ଯ୍ୟଫର୍ଦ୍ଦ-୫୦

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା / ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ।

ଆସ ଅନୁସ୍ୱାର ( ଂ ) ବ୍ୟବହାର କରି ଶବ୍ଦଗୁଡ଼ିକୁ ନିମ୍ନ ପ୍ରକାରେ ଧାଡ଼ିରେ ଲେଖିବା।

| | | | | | |
|---|---|---|---|---|---|
| କଙ୍କଡ଼ା | କଂକଡ଼ା | କଂକଡ଼ା | କଂକଡ଼ା | | |
| ଶଙ୍ଖ | ଶଂଖ | | | | |
| ବେଙ୍ଗ | ବେଂଗ | | | | |
| ଜଙ୍ଘ | ଜଂଘ | | | | |
| ପାଞ୍ଚ | ପାଂଚ | | | | |
| ପଞ୍ଝା | ପଂଝା | | | | |
| ଥଂଟ | ଥଂଟ | | | | |
| କଣ୍ଠ | କଂଠ | | | | |
| ଭେଣ୍ଡି | ଭେଂଡ଼ି | | | | |
| ଶୁଣ୍ଢ | ଶୁଂଢ଼ | | | | |

# କାର୍ଯ୍ୟପର୍ଦ୍ଧ-୫୧

> ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା / ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ।

ଆସ ଅନୁସ୍ୱାର (ଂ) ବ୍ୟବହାର କରି ଶବ୍ଦଗୁଡ଼ିକୁ ନିମ୍ନ ପ୍ରକାରେ ଧାଡ଼ିରେ ଲେଖିବା ।

| | | | | | |
|---|---|---|---|---|---|
| ଦାନ୍ତ | ଦାଂତ | ଦାଂତ | | | |
| କାନ୍ଥ | କାଂଥ | | | | |
| ମନ୍ଦାର | ମଂଦାର | | | | |
| ବନ୍ଧ | ବଂଧ | | | | |
| ଝାମ୍ପ | ଝାଂପ | | | | |
| ବାମ୍ଫ | ବାଂଫ | | | | |
| ଆମ୍ବ | ଆଂବ | | | | |
| ସ୍ତମ୍ଭ | ସ୍ତଂଭ | | | | |

# କାର୍ଯ୍ୟପତ୍ର-୫୭

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା / ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ ।

ଆସ ଆଲୋଚନା କରି ଚିତ୍ରଗୁଡ଼ିକର ନାମ ତା' ପାଖ ଘରେ ଲେଖିବା ।


କା.........


କ .... .....


ବ... ... ...


ତେ .........


ଶ .........


ସ୍ତ.......


ପ.... ....


ଦା.........


ଆ.........


ଲ...... .....


ଶୁ.........


ଜ.........


ବେ.........


ବଶି.......


ମ.. .. ...


କା.........


ଥ.........


ଭେ.........


ପା... ....


ପ.........

# କାର୍ଯ୍ୟପତ୍ର-୫୩

ନିଜ ଇଚ୍ଛାରେ ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଅନ୍ତର୍ଗତ ଚିତ୍ର, ସିଧା / ତେରଛା ରେଖା, ଅକ୍ଷର ଆକୃତି ସହିତ ଆଗକୁ ବଢ଼ିବ, ପ୍ରଚଳିତ ଲେଖା ଶୈଳୀରେ ଲେଖିବ ।

ଆସ କିଛି ଅଧିକ ଶବ୍ଦ ପଢ଼ିବା ଓ ଦେଖିଦେଖି ଲେଖିବା ।

ଅଙ୍କ, ପଙ୍ଖା, ମଙ୍ଗ, ସଙ୍ଘ, ସଞ୍ଚୟ

ସଞ୍ଚୟ, ବାଞ୍ଛା, ମଞ୍ଜି, ବିଞ୍ଝାରପୁର,

ଘଂଟା, ପେଣ୍ଠ, ଗେଣ୍ଡା, ଷଣ୍ଢ

ଶାନ୍ତ, ପେନ୍ଥା, ପନ୍ଦର, ଇନ୍ଧନ

ସମ୍ପଦ, ଡାମ୍ଫଣ, ଚୁମ୍ବନ, ରମ୍ଭା

ଇଷ୍ଟ, ଷଷ୍ଠ, ସୁନ୍ଦର, ଗୁମ୍ଫା

# କାର୍ଯ୍ୟଫର୍ଦ୍ଦ-୫୪

ଦେଖିଥିବା, ଶୁଣିଥିବା କଥା, ଗପ, କବିତା ଆଦି ବିଷୟରେ କଥାବାର୍ତ୍ତା କରିବ ଏବଂ ନିଜ ପ୍ରତିକ୍ରିୟା ପ୍ରକାଶ କରିବ।

ଆସ ଚିତ୍ର ଦେଖିବା। ଚିତ୍ର ବିଷୟରେ ଶିକ୍ଷକଙ୍କଠାରୁ ଶୁଣିବା। ସାଙ୍ଗମାନଙ୍କ ସହ କଥାବର୍ତ୍ତା ହେବା। ଶିକ୍ଷକଙ୍କୁ ପଚାରି ବୁଝିବା।



















# କାର୍ଯ୍ୟପତ୍ର-୫୫

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ପାଇବ।

ଆସ ଦଳରେ ବସି ଚିତ୍ର ଗୁଡ଼ିକର ନାମ ପଢ଼ିବା।



ମହାତ୍ମାଗାନ୍ଧୀ



ପୁଷ୍କରିଣୀ



କଚ୍ଛପ



ଖଡ୍ଗ



ପୁଷ୍ପଗୁଚ୍ଛ



ବୁଦ୍ଧଦେବ



ଶିଳ୍ପୀ

# କାର୍ଯ୍ୟଫର୍ଦ୍ଦ-୫୬

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ପାଇବ।

ଆସ ଦଳରେ ବସି ଚିତ୍ରଗୁଡ଼ିକର ନାମ ପଢ଼ିବା।



ନମସ୍କାର



ବାକ୍ସ



ଡାକ୍ତର



ସ୍କେଲ



ପୁଷ୍ପାଞ୍ଜଳି



ଯଜ୍ଞ



କୁମ୍ଭକର୍ଣ୍ଣ

# କାର୍ଯ୍ୟଫର୍ଦ୍ଦ-୫୭

ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ପାଇବ ।

ଚିତ୍ର ସହ ଠିକ୍ ଶବ୍ଦଗୁଡ଼ିକୁ ଗାରଟାଣି ଯୋଡ଼ ।







ବୁଦ୍ଧଦେବ, ଡାକ୍ତର, ଖଡ୍ଗ,
ପୁଷ୍ପାଞ୍ଜଳି, ମହାତ୍ମାଗାନ୍ଧୀ,
ଅଟ୍ଟାଳିକା, ସ୍କେଲ, ପୁଷ୍କରିଣୀ,
ଯଜ୍ଞ, ବାକ୍ସ, ଉଚ୍ଚ ବିଦ୍ୟାଳୟ,
ପଶ୍ଚିମ ଦିଗ, ଶିଳ୍ପୀ, କଚ୍ଛପ,
କୁମ୍ଭକର୍ଣ୍ଣ, ପୁଷ୍ପଗୁଚ୍ଛ, ନମସ୍କାର









# କାର୍ଯ୍ୟପତ୍ର-୪୮

ପ୍ରିଂଟିରେ (ଲେଖା ବା ଛପା) ଥିବା ଅକ୍ଷର, ଶବ୍ଦ ବା ବାକ୍ୟକୁ ଭାଗଭାଗ କରି ଚିହ୍ନିବ।








ମାନବାରରେ ଦିନେ ମନ୍ତ୍ରୀଙ୍କର କାର୍ଯ୍ୟକ୍ରମ ଥାଏ। ମାନବାର ଗ୍ରାମ ପଞ୍ଚାୟତର ଲୋକେ ବିଭିନ୍ନ ନୃତ୍ୟ, ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଓ ଖଡ୍ଗ ପ୍ରଦର୍ଶନ ମାଧ୍ୟମରେ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ସ୍ୱାଗତ କରି ମଞ୍ଚ ନିକଟକୁ ପାଛୋଟି ନେଲେ। ମନ୍ତ୍ରୀ ସମସ୍ତଙ୍କୁ ନମସ୍କାର କରି ନିଜସ୍ୱ ଶବ୍ଦରେ ପ୍ରତିଶ୍ରୁତି ଦେଲେ ଯେ ଏ ଗ୍ରାମରେ ଏକ ଉଚ୍ଚ ବିଦ୍ୟାଳୟ ଓ ଡାକ୍ତରଖାନା ନିର୍ମାଣ କରାଯିବ। କୁମ୍ଭକର୍ଣ୍ଣ ଭଳି ଶୋଇ ରହିଲେ ବା କଚ୍ଛପ ଗତିରେ ଆଗେଇଲେ, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ହେବ ନାହିଁ। ଏଥିପାଇଁ ସମସ୍ତେ ସଚେତନ ହେବା ଦରକାର। ଉଚ୍ଚ ବିଦ୍ୟାଳୟ ଓ ଡାକ୍ତରଖାନା ନିମନ୍ତେ ସ୍ଥାନ ନିରୂପଣ କରିବା ଆବଶ୍ୟକ।








ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପ ମଧ୍ୟରେ ଗୋଲ ବୁଲାଇବା। ମନ୍ତ୍ରୀ, ଅସ୍ତ୍ର, ଖଡ୍ଗ, ପୁଷ୍ପ, ଶବ୍ଦ, ଉଚ୍ଚ, ଡାକ୍ତରଖାନା, କୁମ୍ଭକର୍ଣ୍ଣ, କଚ୍ଛପ, ନମସ୍କାର, ସ୍ଥାନ, ସ୍ୱାସ୍ଥ୍ୟ, ମଞ୍ଚ

# କାର୍ଯ୍ୟଫର୍ଦ୍ଦ-୫୯

ପ୍ରିଂଟିରେ (ଲେଖା ବା ଛପା) ଥିବା ଅକ୍ଷର, ଶବ୍ଦ ବା ବାକ୍ୟକୁ ଭାଗଭାଗ କରି ଚିହ୍ନିବ।






ଗାଁ ସରପଞ୍ଚ ହରିବନ୍ଧୁ ଜାନି ଉଠିପଡ଼ି କହିଲେ, ଗାଁର ପଶ୍ଚିମଦିଗ ପୁଷ୍କରିଣୀ ପାଖରେ ସରକାରୀ ଜମି ରହିଛି। ଏଣୁ ଉଚ୍ଚ ବିଦ୍ୟାଳୟ ଓ ଡାକ୍ତରଖାନା ପାଇଁ ସେଠାରେ ଅଟ୍ଟାଳିକା ନିର୍ମାଣ ହୋଇପାରିବ। ଗାଁରେ ମାପଫିତା ନ ଥିବାରୁ ସ୍କେଲ ଓ ସୂତୁଲି ସାହାଯ୍ୟରେ ବଣର ଜମି ମପାଗଲା। ବିଦ୍ୟାଳୟ ନିର୍ମାଣ ପୂରା ହେବା ପାଇଁ ଏକ ବର୍ଷ ଲାଗିବ। ଏଠାରେ ବୁଦ୍ଧଦେବ ଓ ମହାତ୍ମାଗାନ୍ଧୀଙ୍କ ପଥର ମୂର୍ତ୍ତୀ ଶିଳ୍ପୀଙ୍କ ଦ୍ୱାରା ନିର୍ମାଣ ହୋଇ ସ୍ଥାପନ କରାଯିବ। ନାମଯଜ୍ଞ କରି ବିଦ୍ୟାଳୟର ଉଦ୍‌ଘାଟନ କରାଯିବ। ଏହି ବିଦ୍ୟାଳୟର ନାମ ମାନବାର ବଣବିଦ୍ୟାଳୟ ରଖାଯିବାକୁ ନିଷ୍ପତ୍ତି ନିଆଗଲା। ଅଟ୍ଟାଳିକା ନିର୍ମାଣ ନିମନ୍ତେ ସ୍ଥାନୀୟ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦେଇ ମନ୍ତ୍ରୀ ରାଜଧାନୀକୁ ଫେରିଗଲେ।







**ଆସ ଗପଟିକୁ ପଢ଼ିବା ଓ ନିମ୍ନ ଶବ୍ଦଗୁଡ଼ିକୁ ଗପ ମଧ୍ୟରେ ଗୋଲ ବୁଲାଇବା।**
**ପଶ୍ଚିମଦିଗ, ଡାକ୍ତରଖାନା, ଅଟ୍ଟାଳିକା, ବୁଦ୍ଧଦେବ, ମହାତ୍ମାଗାନ୍ଧୀ, ମୂର୍ତ୍ତି, ଶିଳ୍ପୀ, ସ୍କେଲ୍, ଯନ୍ତ୍ରୀ, ନିଷ୍ପତ୍ତି, ସ୍ଥାପନା।**

# କାର୍ଯ୍ୟଫର୍ଦ୍ଦ-୭୦

ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷର, ଆକୃତି ଓ ଧ୍ୱନିକୁ ଚିହ୍ନିବା ।

'କ' ସ୍ତମ୍ଭର ଯୁକ୍ତାକ୍ଷର ସହ 'ଖ' ସ୍ତମ୍ଭରେ ଥିବା ସେହି ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦକୁ ଗାର ଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ତ୍ମ | ପୁଷ୍କରିଣୀ |
| ଷ୍କ | ମହାତ୍ମା |
| ଲ୍ପ | ଖଡ୍ଗ |
| ଡ୍ଗ | ପୁଷ୍ପଗୁଚ୍ଛ |
| ଷ୍ପ | କଚ୍ଛପ |
| ଦ୍ଧ | ଯଜ୍ଞ |
| ସ୍କ | ବୁଦ୍ଧଦେବ |
| ଜ୍ଞ | ନମସ୍କାର |
| ମ୍ଭ | ଡାକ୍ତର |
| କ୍ତ | କୁମ୍ଭକର୍ଣ୍ଣ |
| ଚ୍ଛ | ଶିଳ୍ପୀ |

# କାର୍ଯ୍ୟପତ୍ର-୭୧

